ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ରାଜ୍ୟ ସ୍ତରୀୟ ଦୁଇ ଦିନିଆ ସମୀକ୍ଷା ବୈଠକ :

# ନିଦାନ ଚିଠା ବେଳେ ଡାକ୍ତରଖାନାମାନଙ୍କରେ ଉପଲବ୍ଧ ଔଷଧ ବାଧ୍ୟତା ମୁଳକ

# ଡାକ୍ତର୍‌ଖାନା ଗୁଡିକର ପରିବେଶ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,ମଇ ୨୭,୨୦୧୦

ଡାକ୍ତରଖାନାମାନଙ୍କୁ ଆସୁଥିବା ରୋଗୀମାନଙ୍କୁ ନିଦାନ ଚିଠା ପ୍ରଦାନ ବେଳେ ଡାକ୍ତରଖାନରେ ଉପଲବ୍ଧ ଔଷଧ ନିଶ୍ଚିତ ଭାବେ ପ୍ରଦାନ କରାଯିବା ବାଧ୍ୟତାମୂଳକ ହେବ । ଯେପରି ପଞ୍ଚ ବ୍ୟାଧି ରୋଗ ପାଇଁ ଡାକ୍ତରମାନେ  ରୋଗୀମାନଙ୍କୁ କେବଳ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆ ଯାଇଥିବା ଔଷଧ ନିଦାନ ଚିଠା ପୂର୍ବକ ପ୍ରଦାନ କରିବା ବ୍ୟବସ୍ଥା ଥିଲା ଏବଂ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀ ବାହାରୁ କିଣିଥିବା ଔଷଧର ମୂଲ୍ୟ ସଂପୃକ୍ତ ଡାକ୍ତରଙ୍କ ଦରମାରୁ ଭରଣା କରାଯାଉଥିଲା, ବର୍ତ୍ତମାନ ସେହି ବ୍ୟବସ୍ଥା ପ୍ରଚଳନ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି । ଗତ କାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କର ଦୁଇ ଦିନିଆ ରାଜ୍ୟ ସ୍ତରୀୟ ସମୀକ୍ଷା ବୈଠକକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ଏହା କହିଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସରକାର ଆବଶ୍ୟକତା ଅନୁଯାୟୀ ପ୍ରଚୁର ପରିମାଣର ଉପଯୁକ୍ତ ମାନର ଔଷଧ ସମସ୍ତ ଡାକ୍ତର୍‌ଖାନାକୁ ଯୋଗାଇ ଦେଉଛନ୍ତି । ସେହି ସବୁ ଔଷଧ ଡାକ୍ତର୍‌ଖାନାକୁ ଆସୁଥିବା ରୋଗୀ ମାନଙ୍କୁ ଦିଆଯିବା ଆବଶ୍ୟକ । ତାହା ନକରି ରୋଗୀମାନଙ୍କୁ କେବଳ ବାହାରୁ ଔଷଧ କିଣିବା ପାଇଁ ପରାମର୍ଶ ଦେବା ବା ନିଦାନ ଚିଠା ଦେବା ଠିକ୍ ନୁହେଁ । ଯଦି ଏ ପରି କରାଯାଏ ଏବଂ ଅଭିଯୋଗ ଆସେ ତାହା ହେଲେ ସରକାର ସଂପୃକ୍ତ ଡାକ୍ତରଙ୍କ ଦରମାରୁ ତାହା ଭରଣା କରାଯିବ । ସେହିପରି ରାଜ୍ୟର ଦରିଦ୍ର ଜନସାଧାରଙ୍କ ସୁବିଧା ପାଇଁ ଜେନେରିକ ଔଷଧ ପ୍ରଚଳନକୁ ବ୍ୟାପକ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଡାକ୍ତରମାନେ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣି ରୋଗୀ ମାନଙ୍କୁ ଯଥା ସମ୍ଭବ ଜେନେରିକ ଔଷଧ ନିଦାନ ଚିଠା ଦେବାକୁ ମୁଖ୍ୟ ଚିକିତ୍ସା ଅଧିକାରୀମାନେ ଦଳପତି ଭାବରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଚିକିତ୍ସା ଅଧିକାରୀମାନେ ଦଳପତି ଭାବରେ ଡାକ୍ତରମାନେ ଜେନେରିକ ଔଷଧ ନିଦାନ ଚିଠା ଲେଖିବା ପାଇଁ ପ୍ରବର୍ତ୍ତାଇବାକୁ କହିଥିଲେ । ଡାକ୍ତର୍‌ଖାନା ଗୁଡିକୁ ସୁସ୍ଥ ଓ ସ୍ୱାସ୍ଥ୍ୟକର କରାଯିବା ଉପରେ ମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ ଗୁରୁତ୍ୱ ଆରୋପ କରି ଏ ନେଇ ଏକ ଅଭିଯାନ ମାଧ୍ୟମରେ ଆସନ୍ତା ୬ ମାସ ମଧ୍ୟରେ ସମସ୍ତ ଡାକ୍ତର୍‌ଖାନାର ପରିବେଶ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

ନିଜସ୍ୱ ଗୃହ ନଥିବା ପ୍ରାୟ ୯୧୫ ସ୍ୱାସ୍ଥ୍ୟ ଉପ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ( ନୂତନ )ର ଗୃହ ନିର୍ମାଣ ପାଇଁ ଏନ୍.ଆର୍.ଏଚ୍.ଏମ୍ ପକ୍ଷରୁ ଆର୍ଥିକ ବ୍ୟବସ୍ଥା ହୋଇଛି । ଏହି କାର୍ଯ୍ୟ ଜିଲ୍ଲାପାଳ ମାନଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ମାଧ୍ୟମରେ କରାଯିବ । ଏଣୁ ମୁଖ୍ୟ ଚିକିତ୍ସା ଅଧିକାରୀମାନେ ତୁରନ୍ତ ଜିଲ୍ଲାପାଳ ମାନଙ୍କ ସହ ଆଲୋଚନା କରି କାର୍ଯ୍ୟ ସଂପାଦାନ ପାଇଁ ନୋଡାଲ ଏଜେନ୍‌ସି ଚିହ୍ନଟ କରି ଜଣାଇବାକୁ , ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ ତଥା ନିୟମିତ ତଦାରକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ସଂପୂର୍ଣ୍ଣ ହୋଇ ଥିବା ଗୃହ ଗୁଡିକୁ କାର୍ଯ୍ୟରେ ଲଗାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଏସ୍.ଏନ୍.ସି.ୟୁ ବିଶେଷ ସହାୟକ ହୋଇ ପାରୁଥିବାରୁ ଅଧିକ  ଏସ୍.ଏନ୍.ସି.ୟୁ ପ୍ରତିଷ୍ଠା କରାଯିବା ଏବଂ ଯେଉଁ ଗୁଡିକ ପ୍ରତିଷ୍ଠା ହୋଇଛି ତୁରନ୍ତ ସେ ଗୁଡିକୁ ଆସନ୍ତା ମାସ ମଧ୍ୟରେ କାର୍ଯ୍ୟ କ୍ଷମ କରିବା ପାଇଁ ନିଷ୍ପତ୍ତି ହୋଇଛି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ନିୟୋଜିତ ହେଉଥିବା ଆଶା କର୍ମୀ ଚୟନ ପଦ୍ଧତିରେ ପରିବର୍ତ୍ତନ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।  ଅନେକ ସ୍ୱାସ୍ଥ୍ୟ ଅନୁଷ୍ଠାନ ବହୁ ବର୍ଷର ପୁରୁଣା ଗୃହରେ କାର୍ଯ୍ୟ କରୁଛି । ସେହି ସବୁ ଗୃହର ମରାମତି ଆବଶ୍ୟକ । ସେଥିପାଇଁ ମୁଖ୍ୟ ଚିକିତ୍ସା ଅଧିକାରୀମାନେ ପ୍ରସ୍ତାବ ପଠାଇବାକୁ କୁହାଯାଇଛି ।

ଏତଦ୍‌ବ୍ୟତୀତ ଆର୍ଥିକ ପରିଚାଳନା ଓ ଖର୍ଚ୍ଚ ବଢାଇବା , ପ୍ରଦତ୍ତ ଅର୍ଥର ବିନିଯୋଗ ପ୍ରମାଣପତ୍ର ନିୟମିତ ଭାବେ ପ୍ରଦାନ କରିବା , ଲେବୁଲ୍ ୧ , ୨ ଓ ୩ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ସୁବିଧା ସୁଯୋଗ ଉନ୍ନତି କରଣ , ଅଧିକରୁ ଅଧିକ ଆନୁଷ୍ଠାନିକ ପ୍ରସବ ପାଇଁ ପଦକ୍ଷେପ ଗ୍ରହଣ କରାଯିବା , ଜନନୀ ଏକ୍ସପ୍ରେସ , ଟେଲିମେଡିସିନ , ମୋବାଇଲ ହେଲ୍‌ଥ ୟୁନିଟ୍ , ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ , କୋଠାବାଡ଼ି ନିର୍ମାଣ , ଜନସ୍ୱାସ୍ଥ୍ୟ ସମସ୍ୟା , ବର୍ଜ୍ୟ ବସ୍ତୁ ପରିଚାଳନା , ମାନସିକ ସ୍ୱାସ୍ଥ୍ୟ , ମ୍ୟାଲେରିଆ ଓ ଯକ୍ଷ୍ମା ନିୟନ୍ତ୍ରଣ ଆଦି କାର୍ଯ୍ୟକ୍ରମ ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଦୁଇ ଦିନିଆ ସମ୍ମିଳନୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅନୁ ଗର୍ଗ , ମିଶନ ନିର୍ଦ୍ଦେଶକ ଡାଃ ପ୍ରମୋଦ କୁମାର ମେହେର୍ଦ୍ଦା , ସ୍ୱତନ୍ତ୍ର ସଚିବ ଡାଃ ଦୁଃଶାସନ ମୁଦୁଲି , ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାଃ ଏଶ୍.ଏସ୍ କର , ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡାଃ ନିର୍ମଳ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

.........